## ସଂକ୍ଷେପରେ

### ଜାତୀୟ ଶିକ୍ଷା ଦିବସ ପାଳିତ



**ଢେଙ୍କାନାଳ ଅଫିସ, ୧୪।୧୧:** ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ୟୁଥ୍ ଇକୋ କ୍ଲବ ପକ୍ଷରୁ ଗୁରୁବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ ଉପସ୍ଥିତ ରହି ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବଦୁଲ କଲାମ ଆଜାଦଙ୍କ ସ୍ମୃତିଚାରଣ କରିଥିଲେ। ସୋମେଶ ସାହୁ, ଲକ୍ଷ୍ମୀପ୍ରିୟା ଭୂତିଆ, ଦୀପା ସାହୁ, ଅନନ୍ୟା ପାତ୍ର, ସ୍ୱାଧୀନ କର, ଲିପ୍ସା ପ୍ରିୟଦର୍ଶିନୀ, ଦିବ୍ୟଜ୍ୟୋତି ମହାରଣା, ସୁବାସ ନନ୍ଦ, ସ୍ୱର୍ଣ୍ଣମୟୀ ଶତପଥୀ, ଇତିଶ ବରାଳ, ଅନୁପମା ପଣ୍ଡା, ଶ୍ୱେତପଦ୍ମା ମିଶ୍ର, ସୁରେଶ ପଣ୍ଡା, ଦେବୀପ୍ରସାଦ ମିଶ୍ର ପ୍ରମୁଖ ଶିଶୁ ଦିବସର ଅଭିମୁଖ୍ୟ, ଜବାହରଲାଲ ନେହେରୁଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।

### ଯୋରରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଓଡ଼ାପଡ଼ା, ୧୪।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ବାଲିମି ଥାନା ନିମବାହାଲି ଗ୍ରାମର ଗୁରୁଚରଣ ପଟ୍ଟନାୟକ (୬୦)ଙ୍କ ମୃତଦେହ ଗୁରୁବାର ଲିଙ୍ଗରା ଯୋର ବ୍ରିଜ ତଳୁ ଉଦ୍ଧାର କରାଯାଇଛି। ଗୁରୁଚରଣ ଗତ ୧୨ ତାରିଖରେ ଲିଙ୍ଗରା ଯୋରକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ୧୩ ତାରିଖରେ ବାଲିମି ଥାନାରେ ଅଭିଯୋଗ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ସୂଚନା ପାଇ ମୋଟଙ୍ଗା ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗୁରୁଚରଣ ଅବିବାହିତ ଥିଲେ। ସେ ନିମବାହାଲି ବଜାରରେ ମାର୍କେଟ କମ୍ପ୍ଲେକ୍ସ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ପାରିବାରିକ ଅଶାନ୍ତିରୁ ଯୁବକଙ୍କ ଆତ୍ମହତ୍ୟା

**ଓଡ଼ାପଡ଼ା, ୧୪।୧୧(ଡି.ଏନ.ଏ.):** ପାରିବାରିକ କଳହକୁ କେନ୍ଦ୍ର କରି ଓଡ଼ାପଡ଼ା ବ୍ଲକ ମୋଟଙ୍ଗ ଥାନା ବଦାଲୋ ଗ୍ରାମର ଜଣେ ଯୁବକ ବୁଧବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଘନଶ୍ୟାମ ନାଏକଙ୍କ ପୁଅ ପିଣ୍ଟୁ (୨୧)। ପିଣ୍ଟୁ ପଥର ଖଣିରେ ଶ୍ରମିକ ଭାବେ କାମ କରନ୍ତି। ସେ କିଛିଦିନ ହେଲା ଘରୋଇ କଳିକୁ ନେଇ ମାନସିକ ଅଶାନ୍ତିରେ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ସେ କାମ କରୁଥିବା ପଥର ଖଣି ପଛପଟେ ଥିବା ଏକ ଗଛରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ. ୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଗାଡ଼ିଆରେ ପଡ଼ି ଶିଶୁ ମୃତ

**ସୋର, ୧୪।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ସିମୁଳିଆ ଗ୍ରାମର ସୁକାନ୍ତ ଖିଲାରଙ୍କ ୩ବର୍ଷର ଝିଅ ମଧୁସ୍ମିତା ଗାଡ଼ିଆରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଘର ପଛପଟେ ଥିବା ଗାଡ଼ିଆରେ ପଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଗୁରୁବାର ମଧ୍ୟାହ୍ନରେ ଶିଶୁଟି ଗାଡ଼ିଆରେ ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଶିଶୁକୁ ଉଦ୍ଧାର କରି ସ୍ଥାନୀୟ ଅନନ୍ତପୁର ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବ୍ୟାପୁଛି ଝାଡ଼ାବାନ୍ତି: ୫ ଦିନରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ଜଣେ ମୃତ

**ସଜନାଗଡ଼, ୧୪।୧୧(ଡି.ଏନ.ଏ.)** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜିରିତାଳ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ୫ ଦିନରେ ୨୫ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଉକ୍ତ ଗ୍ରାମର ବୃଦ୍ଧ ମନୋରଞ୍ଜନ ମହାନ୍ତିଙ୍କର ବୁଧବାର ରାତିରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମେଡ଼ିକାଲ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

■ବେଲଟିକିରିରେ ପ୍ରାଣୀଧନ ଚିକିତ୍ସକ ଦଳ

# ଚିକିତ୍ସା କଲେ, ପ୍ରତିଷେଧକ ଦେଲେ

■ଚାଷୀଙ୍କୁ ସଚେତନ କଲେ
■ରୋଗର ଲକ୍ଷଣ ବଜବଜିଆ ନୁହେଁ
■ବାଛୁରି ମୃତ୍ୟୁ ପେଟ ରୋଗଜନିତ

**ଢେଙ୍କାନାଳ ଅଫିସ, ୧୪।୧୧**

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଗ୍ରାମରେ ବଜବଜିଆ ରୋଗ ଆତଙ୍କ ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚି ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପ୍ରତିଷେଧକ ଦେଇଛନ୍ତି।

ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଗୋରୁ ରୋଗାକ୍ରାନ୍ତ ହୋଇଛନ୍ତି। ଏଥିସହ ଏକ ବାଛୁରିର ମୃତ୍ୟୁ ଘଟିଛି। ବଜବଜିଆ ରୋଗରେ ଗୋରୁ ଆକ୍ରାନ୍ତ ହୋଇଥିବା ଗୋ-ପାଳକମାନେ ଅଭିଯୋଗ ଆଣିଥିଲେ। ଅଞ୍ଚଳରେ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ରହିଛି। ହେଲେ ପ୍ରାଣୀଧନ ନିରୀକ୍ଷକ ନାହାନ୍ତି। ଫଳରେ ଉଚିତ୍ ସମୟରେ ରୋଗ ନିରୂପଣ କରାଯାଇପାରୁ ନାହିଁ। ଗୋରୁମାନେ ରୋଗାକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଏହାକୁ ନେଇ ଗୋ-ପାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଖବର ପ୍ରକାଶିତ ହେବାପରେ ଗୁରୁବାର ସକାଳେ ପ୍ରାଣୀ ଚିକିତ୍ସକ ଦଳ ଗ୍ରାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।



ବାଛୁରିକୁ ଟିକା ଦିଆଯାଉଛି।

ପ୍ରାଣୀଧନ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡା. ବିଷ୍ଣୁ ଚରଣ ସ୍ୱାଇଁ, କାଇମାଟି ପ୍ରାଣୀଧନ ଚିକିତ୍ସକ ଡା. ମିନତି ବେହେରା, ଅତିରିକ୍ତ ପ୍ରାଣୀଧନ ଚିକିତ୍ସକ ଡା. ବିଜ୍ଞା ବେଦନ୍ତିକା, ପ୍ରାଣୀଧନ ନିରୀକ୍ଷକ ବିଦ୍ୟାଧର ବିଶ୍ୱାଳ, ସନ୍ତୋଷ ସାମନ୍ତ ପ୍ରମୁଖ ଆକ୍ରାନ୍ତ ଗୋରୁଙ୍କ ଚିକିତ୍ସା କରିଥିଲେ। ତେବେ ଏହା ବଜବଜିଆ ରୋଗ ନୁହେଁ ବୋଲି ଡାକ୍ତରମାନେ କହିଛନ୍ତି। ସେହିପରି ପେଟ ରୋଗ ଯୋଗୁ ବାଛୁରିର ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି। ରୋଗକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ଗୋରୁଙ୍କ ଟିକାକରଣ କରାଯାଇଛି। ଏଥିସହ ବଜବଜିଆ ରୋଗ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଛି।

## ଚରିତ୍ରବାନ୍ ହେବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୪।୧୧**

ଗଁଦିଆ ବ୍ଲକ କରମୂଳ ଅଶ୍ୱଖୋଲାସ୍ଥିତ ଐରା ଆବାସିକ ବିଦ୍ୟାଳୟରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଯୋଗଦେଇ ଚରିତ୍ରବାନ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କୁ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିସହ ଅନୁଷ୍ଠାନର କୁନି କଳାକାରମାନେ ସାମାଜିକ ନାଟକ ପରିବେଷଣ କରିଥିଲେ। ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି, ଶଶିଭୂଷଣ ଶତପଥୀ, ରମାକାନ୍ତ ପଲିତା, କୈଳାସ ଚନ୍ଦ୍ର ନାୟକ, ଅଭିରାମ ସାହୁ, ସୁଦର୍ଶନ ପଣ୍ଡା, ରାମମୂର୍ତ୍ତି, କୃଷ୍ଣଚନ୍ଦ୍ର ମିଶ୍ର, ଶିକ୍ଷୟିତ୍ରୀ ମିନତି ପଣ୍ଡା, କାନନବାଳା ସାହୁ, ସୌଦାମିନୀ ପାଣି ପ୍ରମୁଖ ଶିଶୁଦିବସ ଉପରେ ବକ୍ତବ୍ୟ ରଖିଥିଲେ। ନିବେଦିତା ପାଢ଼ୀ, ମିଳନ କଅଁର, ସୁଶାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

■ଆବାସ ଯୋଜନାରୁ ବଞ୍ଚିତ ଭୂମିହୀନ

# ଜିଲା ପ୍ରଶାସନର ଦ୍ୱାରସ୍ଥ



ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଭୂମିହୀନ ପରିବାରର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୧୪।୧୧**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ଗ୍ରାମର ଦଳିତ ଭୂମିହୀନ ପ୍ରଜା ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସମସ୍ୟା ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୬୦ବର୍ଷ ହେଲା ସମ୍ପୃକ୍ତ ଲୋକେ ଝାଟିମାଟି ଘରେ ପରିବାର ସହିତ ରହି ଆସୁଛନ୍ତି। ସେମାନଙ୍କୁ ଭୋଟ ଦେବା ଅଧିକାର ମିଳିଛି। କଣ୍ଟ୍ରୋଲ ସାମଗ୍ରୀ ମଧ୍ୟ ପାଉଛନ୍ତି। ସେମାନଙ୍କ ପିଲାମାନେ ଗ୍ରାମରେ ଥିବା ବିଦ୍ୟାଳୟରେ ପାଠ ପଢୁଛନ୍ତି। ହେଲେ ସରକାରୀ ଜମିରେ ବାସ କରୁଥିବାରୁ ସେମାନେ ଆବାସ ଯୋଜନାରେ ତାଲିକାଭୁକ୍ତ ହୋଇପାରୁନାହାନ୍ତି। ଉକ୍ତ ଜାଗାର ପଟ୍ଟା ଯୋଗାଇଦେବା ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଦରଖାସ୍ତ କରିଛନ୍ତି। ତଥାପି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଶିଖର ମଲ୍ଲିକ, ଦାଶରଥି ମଲ୍ଲିକ, ତପନ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ରଞ୍ଜନ ମଲ୍ଲିକ, ପଙ୍କଜ ମଲ୍ଲିକ, ଖୁଲଣା ମଲ୍ଲିକ, ପ୍ରତିଭା ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଘରଡ଼ିହ ପଟ୍ଟା ସହ ଆବାସ ଯୋଜନାରେ ଗୃହ କାର୍ଯ୍ୟାଦେଶ ମଞ୍ଜୁର କରିବାକୁ ସେମାନେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

**ବାରିପଦା ଅଫିସ, ୧୪।୧୧**

ବାରିପଦା ସହରର ମୁର୍ଗବାଡି ଗୋଲଇ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦେବାନନ୍ଦ ମହାକୁଡ଼। ତାଙ୍କ ଘର ବେତନଟୀ ଥାନା ଅଧୀନ ଧାନଶୋଳ ଗ୍ରାମରେ। ଏକ ଟ୍ରକ ତାଙ୍କୁ ଚାପି ଦେଇ ପଳାଇ ଯାଇଛି। ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ଦୁର୍ଘଟଣାରେ ଜଣେ ମୃତ

**ସୋର, ୧୪।୧୧(ଡି.ଏନ.ଏ.)**

ସୋର ବ୍ଲକ ଈଶ୍ୱରପୁର ଫାଣ୍ଡି ବିଦୁ ଈଶ୍ୱରପୁର ରାସ୍ତାର ବାରାକୋଇଲି ଛକଠାରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପଥରପେଣ୍ଟ ଗ୍ରାମର ଧର୍ମପଦ ସାହୁ (୩୬)। ସେ ବାଇକ୍ (ନଂ. ଓଡ଼ି୦୧ଏ-୪୦୩୫)ରେ ଅନ୍ୟ ଜଣେ ଯୁବକ ଗଜେନ୍ଦ୍ର ରାଜଙ୍କ ସହ ଫେରୁଥିବା ବେଳେ ଏକ ଗାଡ଼ି ଧକ୍କା ଦେଇଥିଲା। ଧର୍ମପଦଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଉଥିଲା। ସୋରଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

## ୨୯୮ ଜଣଙ୍କ ନିଶୁଳ୍କ ମଧୁମେହ ପରୀକ୍ଷା




**ଅନୁଗୋଳ ଅଫିସ, ୧୪।୧୧**

ଅନୁଗୋଳ ରୋଟାରି ରୟାଲ କ୍ଲବ ଓ ଇଣ୍ଡିଆନ ମେଡିକାଲ ଆସୋସିଏଶନ ଅନୁଗୋଳ ଶାଖା ଏବଂ ବୈଦିକ ସତ୍‌ସଙ୍ଗ ଓ ଯୋଗକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଛେଣ୍ଡିପଦାଠାରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ସିଡିଏମ୍‌ଓ ଡାକ୍ତର ଅମରେନ୍ଦ୍ର ମହାନ୍ତି ମଧୁମେହ ସମ୍ପର୍କିତ ସଚେତନତା ରାଲିକୁ ଉଦ୍‌ଘାଟନ କରିଥିଲେ। ଦୈନନ୍ଦିନ ଜୀବନ ଶୈଳୀ ଓ ଖାଦ୍ୟପେୟରେ ସାମାନ୍ୟ ପରିବର୍ତ୍ତନ କଲେ ମଧୁମେହ ରୋଗରୁ ମୁକ୍ତି ପାଇହେବ ବୋଲି ସେ ଲୋକଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରା ସଞ୍ଜିବନୀ ମାର୍କେଟ ଜଗଦେବ ଛକ ବସ୍‌ଷ୍ଟାଣ୍ଡ ହୋଇ ଅମଲାପଡ଼ା ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ଛେଣ୍ଡିପଦାଠାରେ ଆଇଏମ୍‌ଏର ବରିଷ୍ଠ ସଦସ୍ୟ ଡା. ପ୍ରଭାତ କୁମାର ପଣ୍ଡା ଓ ରୋଟାରି ରୟାଲର ସମ୍ପାଦକ ରାଜେଶ ସରଳିଆଙ୍କ ତତ୍ତ୍ୱାବଧାନରେ ସଚେତନତା ଶିବିରକୁ ଆଇଏମ୍‌ଏର ସଭାପତି ଡା. ପ୍ରଫୁଲ୍ଲ କୁମାର ସାହୁ ଓ ଛେଣ୍ଡିପଦା ବ୍ଲକ ଚେୟାରମ୍ୟାନ ଅଶୋକ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଛେଣ୍ଡିପଦା ଗ୍ରାମର ୨୯୮ ଜଣଙ୍କ ନିଶୁଳ୍କ ମଧୁମେହ ପରୀକ୍ଷା କରାଯାଇଥିଲା। ଡ. ବିଚ୍ଛନ୍ଦ ପ୍ରଧାନ, ଡ. କୁମାର ସୌମ୍ୟକାନ୍ତ ବିଶୋଇ, ମୁରାରୀ ଅଗ୍ରୱାଲ, ଜୟ ପ୍ରକାଶ ମୋଦି, ପ୍ରଦୀପ୍ତ କୁମାର ମହାପାତ୍ର, ମେହମୁଦ ହୁସେନ, କୈଳାସ ଅଗ୍ରୱାଲ, କହ୍ନେୟା ଚୌଧୁରୀ, ପଦ୍ମା ଅଗ୍ରୱାଲା, ଡ. ଶର୍ମିଳା ତ୍ରିପାଠୀ, ଡ. ଟଙ୍କଧର ସିଂ, ଡ. ବିପିନ ବିହାରୀ ବେହେରା, ସହାୟତା କରିଥିଲେ। ମିଳନ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କାରମୂଳକ ଶିକ୍ଷାଦାନ ଉପରେ ଗୁରୁତ୍ୱ

**ଛେଣ୍ଡିପଦା, ୧୪।୧୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଜରପଡା ଶିଶୁମନ୍ଦିର ପକ୍ଷରୁ ଗୁରୁବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୁରୁମାଗୁରୁଜୀମାନେ ପିଲାଙ୍କୁ ସଂସ୍କାରମୂଳକ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରିଚାଳନା କମିଟି ଉପସଭାପତି ନାରାୟଣ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ଭୋଳେଶ୍ୱର ଗୋଚ୍ଛାୟତ, ଅଲିଭା ପ୍ରଧାନ, ସୁନୀତା ସାହୁଙ୍କ ସମେତ ଗୁରୁମାଗୁରୁଜୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଜାପାନୀ ଜ୍ୱର ପ୍ରତିଷେଧକ ଟୀକା ପ୍ରଦାନ କରାଯିବା ସମ୍ପର୍କରେ ସ୍ୱାସ୍ଥ୍ୟକର୍ମୀ ସୋମ୍ୟାଶ୍ରୀ ଶତପଥୀ ଆଲୋଚନା କରିଥିଲେ।

## ମା' ଭୈରବୀଙ୍କ ବାର୍ଷିକ ପୂଜା ଉତ୍ସବ

**ଛେଣ୍ଡିପଦା, ୧୪।୧୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ କୁକୁରପେଟା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀ ଠାକୁରାଣୀଙ୍କ ପୀଠରେ ବାର୍ଷିକ ପୂଜା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ଯଥାବିଧି ପୂଜାନୀତି କରାଯାଇଥିଲା। ବହୁ ସଂଖ୍ୟାରେ ମାନସିକଧାରୀ ଅଧିଆ ପଡିଥିଲେ। ଏହା ସହିତ ଶିଶୁଙ୍କର ମୁଣ୍ଡନ ସଂସ୍କାର କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଗ୍ରାମ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ାରେ ଭାଗ ନେଇଥିବା ଶିଶୁମାନେ।

**ଭୁବନ, ୧୪।୧୧(ଡି.ଏନ.ଏ)**

ଭୁବନ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ ଏନ୍‌ଏସି ଏବଂ ବ୍ଲକ ଅଧୀନ ୧୨୦ ସ୍କୁଲର ୧୧୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୋଟ ୧୨ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ୧୨ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବିଡିଓ ଆଶୀର୍ବାଦ ପରିଡ଼ା, ବିଏସ୍‌ଏସ୍‌ଓ ନମିତା ମିଶ୍ର ଉପସ୍ଥିତ ଥିଲେ। ସିଆର୍‌ସିସି ଅମରେଶ ଦାସ, ଶତ୍ରୁଘ୍ନ ପାତ୍ର କ୍ରୀଡ଼ା ପରିଚାଳନା କରିଥିଲେ।

## ରୋଟାରି ପବ୍ଲିକ ସ୍କୁଲରେ ଶିଶୁ ଦିବସ

**ଅନୁଗୋଳ ଅଫିସ, ୧୪।୧୧**

ଅନୁଗୋଳ ସ୍ଥିତ ରୋଟାରି ପବ୍ଲିକ ସ୍କୁଲ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ସର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଫଳତାର ମନ୍ତ୍ର ବାଣ୍ଟିବା ସହ ଆନନ୍ଦ ବଜାର ଉଦ୍‌ଘାଟନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ କମିଟିଅଧ୍ୟକ୍ଷ ନିଖିଳ ରଞ୍ଜନ ମିଶ୍ର, ନିର୍ମଳ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ କଳ୍ପଲତା ଦାଶଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ନର୍ମଦା ସାମଲ ପରିଚାଳନାରେ ସହଯୋଗ କରିଥିଲେ। ସ୍କୁଲ ଆବାହିକା ଅନୁଭା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ଚର୍ଚ୍ଚାରେ ଚିଲତଇଳା ଆଶ୍ରମ ସ୍କୁଲ

# ଛାତ୍ରୀ ମୃତ୍ୟୁର ସପ୍ତାହକ ପରେ ଆଉ ଜଣେ ଅସୁସ୍ଥ

**ଢେଙ୍କାନାଳ ଅଫିସ, ୧୪।୧୧**

ଅନ୍ତେବାସୀଙ୍କ ବିଗୁଡୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚାକୁ ଆସିଛି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଚିଲତଇଳା ଆଶ୍ରମ ସ୍କୁଲ। ଏଠାରେ ୫ମ ଶ୍ରେଣୀରେ ପଢୁଥିବା ଛାତ୍ରୀ ସବିତା ମୁଣ୍ଡାଙ୍କ ୭ ତାରିଖରେ ମୃତ୍ୟୁ ଘଟିଥିଲା। ଘଟଣାକୁ ୭ଦିନ ବିତି ନ ଥିବାବେଳେ ପୁଣି ଜଣେ ଛାତ୍ରୀ ଅସୁସ୍ଥ ହୋଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପିଲାମାନେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବାରୁ ବାରମ୍ବାର ରୋଗରେ ପଡୁଥିବା ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର କୁହନ୍ତି, ଅସୁସ୍ଥ ଛାତ୍ରୀ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ନିକଟରେ ଜଣ୍ଡିସ ଭୂତାଣୁ ଠାବ ହୋଇଛି। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଡାକ୍ତର କହିଥିବା ମଙ୍ଗଳ ଅଧିକାରୀ ସୂଚନା ଦେଇଛନ୍ତି। ଛାତ୍ରାବାସରେ ଅସ୍ୱାସ୍ଥ୍ୟକର ପରିବେଶ, ଦୂଷିତ ପାନୀୟ ଜଳକୁ ନେଇ ହେଉଥିବା ଚର୍ଚ୍ଚାର ଉତ୍ତରରେ ସେ କହିଛନ୍ତି, ବିଶୁଦ୍ଧ ପାଣି ପାଇଁ ହଷ୍ଟେଲରେ ଆକ୍ୱା ଗାର୍ଡ ଲାଗିଛି। ସମସ୍ତ ଆବାସିକ ଓ ଆଶ୍ରମ ବିଦ୍ୟାଳୟର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ପ୍ରତିଦିନ ମନିଟରିଂ କରାଯାଇ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଛି। ଛାତ୍ରୀମାନେ ଘରକୁ ଛୁଟିରେ ଯିବା ସମୟରେ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଥିବା ସନ୍ଦେହ କରାଯାଉଛି। ଡାକ୍ତରୀ ଦଳ ବିଦ୍ୟାଳୟକୁ ଯାଇ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଜିଲାପାଳଙ୍କୁ ଜଣାଇଥିବା ସେ କହିଛନ୍ତି।




■ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଚିନ୍ତା
■ଅସୁସ୍ଥ ଛାତ୍ରୀ ଡାକ୍ତରଖାନାରେ ଭର୍ତ୍ତି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ନଭେମ୍ବର ୧୫/୨୦୧୯ Dhenkanal, Friday , November 15 / 2019

## ସଂକ୍ଷେପରେ

### ଅନୁଗୋଳ କଲେଜରେ ନୂଆ ଅଧ୍ୟକ୍ଷ



ଅନୁଗୋଳ ଅଫିସ, ୧୪।୧୧- ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଅର୍ଥନୀତି ବିଭାଗ ଅଧାପକ ଉଦୟନାଥ ବେହେରାଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ବିଦ୍ୟାଳୟକୁ ଗୁରୁବାର ଚିଠି (ନଂ. ୨୪୫୫୪/୧୪।୧୧।୨୦୧୯) ଆସିଥିବା ସୂଚନା ମିଳିଛି। ପୂର୍ବରୁ ଗଙ୍ଗାଧର କର ଅଧକ୍ଷ ଦାୟିତ୍ୱରେ ରହିଥିଲେ। ତେବେ ନୂତନ ଭାବେ ଦାୟିତ୍ୱ ନେବାକୁ ଥିବା ବେହେରା ଅନୁଗୋଳ ମହାବିଦ୍ୟାଳୟରେ ୧୯୮୧ ମସିହାରେ ଛାତ୍ର ଥିଲେ। ତାଙ୍କ ଘର ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରେ। ସେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତବର୍ଷ ମେ ୩୧ ତାରିଖରେ କାର୍ଯ୍ୟରେ ଯୋଗଦେଇଥିଲେ। ଏହାପୂର୍ବରୁ ସେ ରାଜେନ୍ଦ୍ର କଲେଜ ବଲାଙ୍ଗୀରରେ ଅର୍ଥନୀତି ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। ମହାବିଦ୍ୟାଳୟର ଉନ୍ନତି ସହ ଶୈକ୍ଷିକ ବାତାବରଣ ବଜାୟ ରଖିବା, ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରିବା ତାଙ୍କର ମୁଖ୍ୟ ଦୟିତ୍ୱ ରହିବ ବୋଲି ବେହେରା କହିଛନ୍ତି।

### ରଶି ଲଗାଇ ଆତ୍ମହତ୍ୟା

ଅନୁଗୋଳ ଅଫିସ, ୧୪।୧୧- ଅନୁଗୋଳ ପୌରାଞ୍ଚଳ ମାଟିଆ ସାହିର ନବୀନ ପ୍ରଧାନଙ୍କ ପୁଅ ରାଜନ ପ୍ରଧାନ(୧୭) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଅନୁଗୋଳ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ସନ୍ଧ୍ୟାରେ ରାଜନ ଫିଲ୍ମ ଦେଖି ଯିବା ପାଇଁ ଘରେ ଟଙ୍କା ମାଗିବାରୁ ପାଟିତୁଣ୍ଡ ହୋଇଥିଲା। ପରେ ମା' ତାଙ୍କୁ ୨ ଶହ ଟଙ୍କା ଦେଇଥିଲେ। ତେବେ ରାଜନ ଫିଲ୍ମ ଦେଖିବାକୁ ନ ଯାଇ ସାହି ପିଲାଙ୍କ ସହ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଗୁରୁବାର ସକାଳୁ ଘର ପଛ ତେନ୍ତୁଳି ଗଛରେ ରାଜନ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ ବୋଲି ପୋଲିସ ସୂଚନା ଦେଇଛି।

### ହୋଟେଲ କର୍ମଚାରୀଙ୍କ ଆତ୍ମହତ୍ୟା

ଅନୁଗୋଳ ଅଫିସ, ୧୪।୧୧- ଅନୁଗୋଳ ସହର ଉପକଣ୍ଠ ତୁରଙ୍ଗସ୍ଥିତ ଏକ ହୋଟେଲର ମେସ୍‌ରେ ବିଶ୍ୱରଞ୍ଜନ ମଲ୍ଲିକ(୨୦) ନାମକ ଜଣେ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ପୁରୀର ଗରିଲୋ ଗ୍ରାମରେ। ବିଶ୍ୱରଞ୍ଜନ ଉକ୍ତ ହୋଟେଲରେ ରୋଷେୟା କାମ କରୁଥିଲେ। ହୋଟେଲ ସାମ୍ନାରେ ଥିବା ମେସ୍‌ରେ ସେ ସହକର୍ମୀମାନଙ୍କ ସହ ରହୁଥିଲେ। ଗୁରୁବାର ସକାଳେ ରୁମ୍‌ରେ ସମସ୍ତେ ହୋଟେଲକୁ ଯାଇଥିବାବେଳେ ସେ ଆତ୍ମହତ୍ୟା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଜଣେ ସହକର୍ମୀ ରୁମ୍‌କୁ ଆସିଥିବାବେଳେ ବିଶ୍ୱରଞ୍ଜନ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ହୋଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତୁରନ୍ତ ଅନୁଗୋଳ ପୋଲିସକୁ ସୂଚନା ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

### ଦୁର୍ଘଟଣାରେ ଜଣେ ମୃତ

ଅନୁଗୋଳ ଅଫିସ, ୧୪।୧୧- ପାଲଲହଡ଼ା ବ୍ଲକ ଖମାର ଥାନା ଭାଲୁକି ପୋଲ ଉପରେ ବୁଧବାର ରାତିରେ ଏକ ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭାଲୁକି ଗ୍ରାମର କାଠିନନ୍ଦ ସାହୁ(୫୦)। କାଠିନନ୍ଦ ଓ ଗ୍ରାମର କେତେଜଣ ଚାଷୀ ବୁଧବାର ରାତିରେ ଧାନକ୍ଷେତକୁ ହାତୀ ଜଗିବାକୁ ଯାଇଥିଲେ। ଭାଲୁକି ପୋଲ ଅତିକ୍ରାନ୍ତ କରୁଥିବାବେଳେ ପଛରୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସାଙ୍ଗରେ ଥିବା ଲୋକମାନେ ପ୍ରଥମେ ତାଙ୍କୁ ଖମାର ମେଡିକାଲକୁ ନେଇଥିଲେ ମଧ ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି।

## ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ ଅଭିଯାନ

# ଟିକାନେବେ ୩ ଲକ୍ଷ ୮୧୮ ଶିଶୁ

**ଅନୁଗୋଳ ଅଫିସ, ୧୪।୧୧**



ଟିକାକରଣ ଅଭିଯାନ ସମ୍ପର୍କିତ କର୍ମଶାଳାରେ ବିଭାଗୀୟ ଅଧିକାରୀମାନେ।

ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଭଳି ମାରାତ୍ମକ ରୋଗର ଟିକାକରଣ ଅଭିଯାନ ଶୁକ୍ରବାରଠାରୁ ଅନୁଗୋଳ ଜିଲାରେ ଆରମ୍ଭ ହେଉଛି। ଏହି ଅଭିଯାନ ୩ ସପ୍ତାହ ଧରି ଚାଲିବ। ଦୁଇଟି ପର୍ଯ୍ୟାୟରେ ଜିଲାର ୩ ଲକ୍ଷ ୮୧୮ ଜଣ ଶିଶୁଙ୍କୁ ଟିକା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏ ନେଇ ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହଠାରେ ଏକ କର୍ମଶାଳା ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ଅଧକ୍ଷତା କରିଥିଲେ। ଏହି ଅଭିଯାନକୁ ଜିଲାପାଳ ମନୋଜ କୁମାର ମହାନ୍ତି ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରେ ଶୁଭାରମ୍ଭ କରିବେ। ୧ରୁ ୧୫ ବର୍ଷ ବୟସର ସମସ୍ତ ପିଲା ଏହି ଟିକା ନେବେ। କୌଣସି ଜଣେ ହେଲେ ପିଲା ଯେପରି ଏଥିରୁ ବାଦ ନ ପଡ଼ନ୍ତି ସେଥିପାଇଁ ସମସ୍ତ ବିଭାଗୀୟ କର୍ମକର୍ତ୍ତା ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ଓ ଟିକାକାରଣ) ଡା. ତ୍ରିଲୋଚନ ପ୍ରଧାନ ଯୋଗଦେଇ ଏହି ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ପ୍ରକାଶ କରିଥିଲେ। ଅଭିଯାନରେ ୧୬୪୬ ଜଣ ଅଙ୍ଗନୱାଡ଼ି କର୍ମୀ, ୧୧୫୫ ଆଶାକର୍ମୀ, ୨୧୪ ଜଣ ଏଏନ୍‌ଏମ୍ ଓ ୮୮ ଜଣ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହେବ ବୋଲି ଡା. ପ୍ରଧାନ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ପ୍ରଥମ ଥର ପାଇଁ ଜିଲାରେ ଟିକାକରଣ ଅଭିଯାନ ଆରମ୍ଭ ହେଉଥିବାରୁ ସବୁସ୍ତରରେ ବ୍ୟାପକ ସଚେତନତା ଉପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅଭିଯାନ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିଏମ୍ ସପନ କୁମାର ପାତ୍ର, ଡିଏମ୍‌ଆର୍‌ସିଏ ସୂର୍ଯ୍ୟ ପ୍ରତାପ ମାନସିଂହଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ବିଶ୍ୱ ରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ।

## ଦୁଇ ବାଇକ୍ ଧକ୍କା, ଯୁବକ ମୃତ

**ଅନୁଗୋଳ ଅଫିସ, ୧୪।୧୧**

ଅନୁଗୋଳ ସହର କୁମଣ୍ଡ ଚଣ୍ଡୀବଜାର ଛକଠାରେ ବୁଧବାର ରାତିରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ସୁମନ୍ତ ପ୍ରଧାନ(୩୩)ଙ୍କ ଘର ତାଳଚେର ବ୍ଲକ କର୍ଣ୍ଣପୁର ବୋଲି ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସୁମନ୍ତ ଓ ତାଙ୍କର କେତେଜଣ ସାଙ୍ଗ ବୁଧବାର ଗଡ଼ସନ୍ତ୍ରୀ ସ୍ଥିତ ମା' ଲୋଭୀ ଠାକୁରାଣୀଙ୍କ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ଫେରୁଥିବାବେଳେ ରାତି ପ୍ରାୟ ୧୨ଟା ବେଳେ ଚଣ୍ଡୀବଜାର ଛକ ଠାରେ ଦୁର୍ଘଟଣା ଘଟିଥିଲା। ସୁମନ୍ତ ଗାଡ଼ିରୁ ପଡ଼ିଯିବାରୁ ତାଙ୍କୁ ସାଙ୍ଗମାନେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଅନୁଗୋଳ ପୋଲିସ ପ୍ରକାଶ କରିଛି।

## ବାର୍ଷିକ ଏକାଡେମିକ୍ ପ୍ରଦର୍ଶନୀ ଉଦ୍‌ଘାଟିତ



**ଅନୁଗୋଳ ଅଫିସ, ୧୪।୧୧**

ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଗୁରୁବାର ଶିଶୁ ଦିବସ ପାଳନ ଅବସରରେ ବାର୍ଷିକ ଏକାଡେମିକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ଡ. ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଆଦର୍ଶ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ଧଳ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶିକା ବନଜ୍ୟୋତ୍ସ୍ନା ସିଂ, ପ୍ରିନ୍ସିପାଲ ସନ୍ତୋଷ କୁମାର ଗୌଡ଼, ଉପାଧକ୍ଷ ବିଜୟ କୁମାର ଦାସ ଓ ବରିଷ୍ଠ ଶିକ୍ଷକ ପ୍ରଦୀପ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣା ଦେଇଥିଲେ। ସେହିପରି ଅନୁଷ୍ଠାନର ବାର୍ଷିକ ଏକାଡେମୀ ପ୍ରଦର୍ଶନୀକୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ସମସ୍ତ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଆଦର୍ଶ ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ଏ.କେ. ସିଂ, ପ୍ରଶାସନିକ ଅଧିକାରୀ ଡ. ଅବନୀକାନ୍ତ ଷଡ଼ଙ୍ଗୀ ଓ ଲୋକ ସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ସମସ୍ତଙ୍କୁ ପ୍ରେରଣା ଓ ସହଯୋଗ କରିଥିଲେ। ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ଫ୍ୟାଶନ୍ ଶୋ ଚିତ୍ତାକର୍ଷକ ହୋଇଥିଲା। ଅନୁଷ୍ଠାନର ଶିକ୍ଷୟିତ୍ରୀ ସ୍ମୃତିସ୍ନିଗ୍ଧା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଇ ଉଦ୍ୟାନ ପାର୍କ ଉଦ୍‌ଘାଟିତ


ପାର୍କ ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୧୪।୧୧**

ଅନୁଗୋଳ ମିଶ୍ରପଡ଼ା ଠାରେ ଥିବା 'ସାଇ ଉଦ୍ୟାନ' ପାର୍କକୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଲୋକାର୍ପଣ କରିଛନ୍ତି। ଉତ୍କଳ କେଶରୀ କ୍ଲବ ସଦସ୍ୟ ଓ ସ୍ଥାନୀୟ ପରିବେଶ ପ୍ରକୃତି ପ୍ରେମୀଙ୍କ ମିଳିତ ଉଦ୍ୟମରେ ଏହା ନିର୍ମାଣ ହୋଇପାରିଛି। ଅନ୍ୟମାନଙ୍କ ମଧ୍ୟରେ ସାଗର ଚନ୍ଦ୍ର ପ୍ରଧାନ, ଡାକ୍ତର ଦେବାଶିଷ ପ୍ରଧାନ, ଅଜିତ ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଶିକ୍ଷାବିତ ଶ୍ରୀକାନ୍ତ ମିଶ୍ର, ଅନୁଗୋଳ ବ୍ଲକ ଅଧକ୍ଷ ନିରଞ୍ଜନ ଦେହୁରୀ, ବିଜୟ କୁମାର ମିଶ୍ର, ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, ସସ୍ମିତା ପ୍ରଧାନ, ବଳରାମ ସାହୁ, ପ୍ରଦୀପ ପ୍ରଧାନ, ମାନସ ଦେହୁରୀ ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜେଏସ୍‌ପିଏଲ୍‌ରେ ବିଶ୍ୱ ଗୁଣବତ୍ତା ଦିବସ

# ନିରନ୍ତର ଉନ୍ନତି ପାଇଁ ଏକ ସୁଯୋଗ

**ଅନୁଗୋଳ ଅଫିସ, ୧୪।୧୧**



କେକ୍ କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ଅନୁଗୋଳ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପ୍ଲାଣ୍ଟ ପରିସରରେ ଗୁରୁବାର ବିଶ୍ୱ ଗୁଣବତ୍ତା ଦିବସ ପାଳିତ ହୋଇଯାଇଛି। ଜେଏସ୍‌ପିଏଲ୍ ଓଡ଼ିଶା ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ, ଇସ୍ପାତ ନିର୍ମାଣ ବିଭାଗ ମୁଖ୍ୟ ଦାମୋଦର ମିତ୍ତଲ, ମ୍ୟାନେଜମେଣ୍ଟ ପ୍ରତିନିଧି ଖିଲାବନ ଆର. ସାହୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ କହିଥିଲେ ଯେ, ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀରେ ନିରନ୍ତର ଉନ୍ନତି ଆଣିବା ପାଇଁ ବିଶ୍ୱ ଗୁଣବତ୍ତା ଦିବସ ଏକ ସୁଯୋଗ ଦେଇଥାଏ। ଆମର ଉପଲବ୍ଧ ଓ ପ୍ରତିବଦ୍ଧତାର ଠିକ୍ ମୂଲ୍ୟାଙ୍କନ ଦ୍ୱାରା କିପରି ଆଗାମୀ ଦିନରେ ଅଧିକରୁ ଅଧିକ ଉନ୍ନତି ଲାଭ କରିପାରିବା ସେଥିପାଇଁ ପ୍ରୋତ୍ସାହନ ମିଳେ। ଇସ୍ପାତ ନିର୍ମାଣ ବିଭାଗ ମୁଖ୍ୟ ମିତ୍ତଲ ଯୁବ ଇଞ୍ଜିନିୟରମାନଙ୍କୁ ଗୁଣବତ୍ତା ସମ୍ପନ୍ନ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ ବହୁ ସଂଖ୍ୟାରେ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶତାଧିକ କର୍ମଚାରୀ ଗୁଣବତ୍ତା ସମ୍ବନ୍ଧୀୟ ନିଜ ନିଜର ବିଚାର ତଥା ଉତ୍ପାଦ ପ୍ରଦର୍ଶିତ କରିଥିଲେ। କର୍ମଚାରୀଙ୍କ ମଧ୍ୟରେ ବକ୍ତୃତା, ସାଧାରଣଜ୍ଞାନ, ଲୋଗୋ ଓ ପୋଷ୍ଟର ଡିଜାଇନ୍, ସ୍ଲୋଗାନ, ପ୍ରବନ୍ଧ ଆଦି ପ୍ରତିଯୋଗିତା ଆୟୋଜନ ସହ ସଫଳ ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଚରିତ୍ର ଗଠନ, ସୁନାଗରିକ ହେବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୧୪।୧୧**



ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଶିଶୁ ଦିବସ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତା।

ଛେଣ୍ଡିପଦା ବ୍ଲକ ନିଶାସ୍ଥିତ ବଡ଼ମହିତଳା ନିକଟରେ ଥିବା ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଅଧକ୍ଷ ଫକୀର ମୋହନ ସାହୁଙ୍କ ଅଧକ୍ଷତାରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶିଶୁଦିବସ ଉପରେ ବକ୍ତବ୍ୟ ରଖିଥିଲେ। ପରେ କୌତୁକ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଆରତୀ ମହାପାତ୍ର ଜବାହରଲାଲ ନେହେରୁଙ୍କ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଚରିତ୍ର ଗଠନ ଓ ସୁନାଗରିକ ହେବା ସମ୍ପର୍କରେ ବୁଝାଇଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଓ ଶିକ୍ଷୟିତ୍ରୀ ମଧୁମିତା ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ କର୍ତ୍ତବ୍ୟ ନିଷ୍ଠା ପ୍ରତି ସଜାଗ ରହିବା ଓ ସହଯୋଗ ମନୋଭାବ ରଖି କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ମଧୁମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଲାଏ ଜାଣିଲେ ନେହେରୁଙ୍କ ଅବଦାନ

**ଅନୁଗୋଳ ଅଫିସ, ୧୪।୧୧**

ଅନୁଗୋଳ ମିଶ୍ରପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ପ୍ରୀତି କୁମାରୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଅବଦାନ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରିଥିଲେ। ଛାତ୍ର ସାହିଦ, ସୋମାଂଶୁ, ସୌରୟା ଓ ଶୋଭାନଜୀବ ନେହେରୁଙ୍କ ବେଶରେ ମୁଖ୍ୟ ଆକର୍ଷଣ ସାଜିଥିଲେ। ଅନୁଗୋଳ ରୋଟାରୀ ରୟାଲ କ୍ଲବର ସଦସ୍ୟା ଆରତୀ ସାରଲିଆ, କିରଣ ଅଗ୍ରୱାଲ, ମମତା ଲୋଦା, ମଧୁ ଗୁପ୍ତା ଓ ପ୍ରୀତି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷା ଯଶପାଲ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ